# Akashvani, Sambalpur

## SAMBALPURI NEWS EVENING BULLETIN

**13 September 2025- 7.02 pm- 7.12 pm.**

**********************************************

୧- ଓଡ଼ିଶାକେ ଦୁର୍ଘଟଣା ଶୂନ୍ୟ ରାଜ୍ୟ ବନାବାର୍ ଲାଗି ଆହ୍ୱାନ୍ ଦେଲେ ମୁଖ୍ୟମନ୍ତ୍ରୀ ।

୨- ସମ୍ବଲ୍‌ପୁର୍ ବିଶ୍ୱବିଦ୍ୟାଲୟ ଆଉ ଭିସୁଟ୍‌ର ସମାବର୍ତନ୍ ଉତ୍ସବ୍‌ଥି ଯୋଗ୍ ଦେଲେ ରାଜ୍ୟପାଲ୍ ଆଉ କେନ୍ଦ୍ର ଶିକ୍ଷାମନ୍ତ୍ରୀ ।

୩- ନୂଆପଡ଼ା ବିଧାନ୍‌ସଭା ନିର୍ବାଚନ୍ ମଣ୍ଡଳୀର୍ ଲାଗି ସଂକ୍ଷିପ୍ତ ସଂଶୋଧନ୍‌କେ ନେଇକରି ରାଜ୍ୟ ମୁଖ୍ୟ ନିର୍ବାଚନ୍ ଅଧିକାରୀଙ୍କର୍ ତରଫୁ ବାହାର୍‌ଲା ବିଜ୍ଞପ୍ତି ।

ଆଉର୍

୪- ଓଡ଼ିଶା ହାଇକୋର୍ଟ ସହେତେ ରାଜ୍ୟର୍ ଭିନ୍ ଭିନ୍ ଅଦାଲତ୍ ନ ହେଇଛେ ଇ ବଛରର୍ ୩ ନମ୍ବର୍ ରାଷ୍ଟ୍ରୀୟ ଲୋକ୍‌ଅଦାଲତ୍ ।

## ଶୂନ୍ ଦୁର୍ଘଟଣା ଦିବସ- ମୁଖ୍ୟମନ୍ତ୍ରୀ I&PR

ସମୃଦ୍ଧ ଓଡ଼ିଶା-ବିକଶିତ୍ ଓଡ଼ିଶା ର ପ୍ରତିଶ୍ରୁତିକେ ଆଗ୍‌କେ ବଢ଼ାବାର୍ ଦିଗେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ କେନ୍ଦୁଝର୍ ଠାନେ ବାଣିଜ୍ୟ ଆଉ ପରିବହନ୍ ବିଭାଗ୍ ତର୍‌ଫୁ ହେଇଥିବା ଶୂନ୍ ଦୁର୍ଘଟଣା ଦିବସ୍ ଅଭିଯାନ୍‌ର ଶୁଭାରମ୍ଭ କରିଛନ୍ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ରାଜ୍ୟକେ ଗୁଟେ ଦୁର୍ଘଟଣା ଶୂନ୍ୟ ରାଜ୍ୟ ବନାବାର୍ ଲାଗି ଆହ୍ୱାନ୍ ଦେଇଛନ୍ । ମୁଖ୍ୟମନ୍ତ୍ରୀ ଜିରୋ ଏକ୍ସିଡେଂଟ୍ ସେଲ୍‌ଫି ପଏଂଟ୍‌କେ ଉଦ୍‌ଘାଟନ୍ କର୍‌ବାର୍ ସହେତେ ସଡ଼କ୍ ସୁରକ୍ଷା ବାର୍ତା ପ୍ରଚାରକ୍‌ମାନ୍‌କୁ ସମ୍ବର୍ଦ୍ଧିତ୍ କରିଛନ୍ । ଇନ ଜନେଇ ଦିଆଯାଇପାରେ ଯେ, ପହେଲାଖେପେ ଭୁବ୍‌ନେଶ୍ୱର୍ ନ ଶୂନ୍ ଦୁର୍ଘଟଣା ଦିବସ୍‌ର ସଫଲତା ଉତ୍‌ରୁ କେନ୍ଦୁଝର୍ ଇ ଅଭିଯାନ୍‌କେ ଆଗ୍‌କେ ନେବାର୍‌ଥି ଓଡ଼ିଶାର୍ ପହେଲା ଜିଲ୍ଲା ହେଇଛେ । ଆଇଆଇଟି ମାଡ୍ରାସ୍‌ର ସହଯୋଗ୍‌ଥି କେନ୍ଦୁଝର୍ ଠାନେ ଇଥିର୍‌ଲାଗି ଗୁଟେ ୧୪ ଦିନିଆ କାର୍ଯ୍ୟକ୍ରମ୍‌ର ଆୟୋଜନ୍ କରାଯାଇଛେ ।

## ସମାବର୍ତନ୍ ଉତ୍ସବ୍-ସମ୍ବଲପୁର ସମ୍ବଲପୁର ସମ୍ବାଦଦାତା

ଛାତ୍ରଛାତ୍ରୀମାନେ ଚାକିରୀ ପଛ୍ଆଡ଼େ ନାଇଁ ଯାଇକରି ନିଜେ ନିଯୁକ୍ତି ସୁଯୋଗ ସୃଷ୍ଟି କର୍‌ବାର୍‌କେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଆହ୍ୱାନ୍ ଦେଇଛନ୍ । ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଲୟ- ଭିସୁଟ୍‌ର ୧୬ ନମ୍ବର ସମାବର୍ତନ୍ ଉତ୍ସବ୍‌ଥି ଯୋଗ୍ ଦେଇକରି ଶ୍ରୀ ପ୍ରଧାନ୍ କହିଛନ୍, ଭିସୁଟ୍ ଆଏବା ଦିନେ ଜବ୍ କ୍ରିଏଟର୍ ହେବା ।

(ଭଏସ୍ ଓଭର୍- କେନ୍ଦ୍ର ଶିକ୍ଷାମନ୍ତ୍ରୀ)

ଇ ଅବ୍‌ସରେ ରାଜ୍ୟପାଲ୍ ଆଉ ବିଶ୍ୱବିଦ୍ୟାଲୟ କୁଳାଧିପତି ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ଯୋଗ୍ ଦେଇଥିଲେ । ଉତ୍ସବ୍‌ଥି ବିଶ୍ୱବିଦ୍ୟାଳୟର୍ ଭିନ୍ ଭିନ୍ ବିଭାଗ୍‌ର ଛାତ୍ରଛାତ୍ରୀମାନ୍‌କୁ ଅଣ୍ଡର୍ ଗ୍ରାଜୁଏଟ୍, ପୋଷ୍ଟଗ୍ରାଜୁଏଟ୍ ଆର୍ ଡକ୍ଟରେଟ୍ ଡିଗ୍ରୀ ଦିଆଯାଇଛେ । ଇ ଅବ୍‌ସରେ ୧ ହଜାର୍ ୨ ଶହ ୨୦ ଝନ୍ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ଆଉ ୨୭ ଝନ୍ ଛାତ୍ରଛାତ୍ରୀଙ୍କୁ ବିଶ୍ୱବିଦ୍ୟାଳୟ ତର୍‌ଫୁ ଗୋଲ୍ଡ ମେଡ଼ାଲ୍ ଦିଆଯାଇଛେ ।

ସେନ୍ତା ଆଏଜ୍ ସଖାଲ୍‌ବେଲା ସମ୍ବଲ୍‌ପୁର୍ ବିଶ୍ୱବିଦ୍ୟାଳୟର୍ ୩୫ ନମ୍ବର ସମାବର୍ତନ୍ ଉତ୍ସବ୍‌ଥି ରାଜ୍ୟପାଲ୍ ଶ୍ରୀ କମ୍ଭମ୍‌ପାଟି ଯୋଗ୍ ଦେଇକରି ଛାତ୍ରସମାଜ୍‌କେ ଦେଶର୍ ବିକାଶ୍‌ଥି ଆଗ୍‌କେ ଆସ୍‌ବାର୍ ଲାଗି ଆହ୍ୱାନ୍ ଦେଇଛନ୍ । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ପ୍ରଧାନ୍ ଇ ଅବ୍‌ସରେ ଓଡ଼ିଶାର୍ ୪ ଟା ସହେତେ ଦେଶର୍ ୨୫ ଟା ବିଶ୍ୱବିଦ୍ୟାଲୟକେ ଉଷା ପାଣ୍ଠିନୁ ଶହେ କୋଟି ଟଙ୍କା ଲେଖା ଦିଆଯାଇଛେ ବଲି କହିଛନ୍ ।

ସେନ୍ତା ଓଡ଼ିଶାର୍ ଇ ୪ ଟା ବିଶ୍ୱବିଦ୍ୟାଳୟକେ ରାଜ୍ୟ ବଜେଟ୍‌ନୁ ୪୭ କୋଟି ଲେଖା ଟଙ୍କା ଦିଆଯାଇଛେ ବଲି ସୂଚ୍‌ନା ଦେଇଛନ୍ । ଇତାର୍ ଭିତ୍‌ରେ ସମ୍ବଲ୍‌ପୁର୍ ବିଶ୍ୱବିଦ୍ୟାଳୟ ରହିଛେ ବଲି ମନ୍ତ୍ରୀ ଶ୍ରୀ ପ୍ରଧାନ୍ କହିଛନ୍ । ଇ ଅବ୍‌ସରେ ୩୯ ଝନ୍ ଛାତ୍ରଛାତ୍ରୀଙ୍କୁ ସ୍ୱର୍ଣ୍ଣପଦକ୍, ଶହେ ୨ ଝନ୍‌କୁ ଡକ୍ଟରେଟ୍ ଡିଗ୍ରୀ ଦିଆଯାଇଛେ ।

ଦୁହି ସମାବର୍ତନ୍ ଉତ୍ସବ୍‌ଥି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍, ଶିଳ୍ପମନ୍ତ୍ରୀ ସମ୍ପଦ୍ ସ୍ୱାଇଁ, ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାୟକ ପ୍ରମୁଖ ଉପସ୍ଥିତ୍ ଥିଲେ ।

ରାଜ୍ୟପାଲ୍ -ସମଲେଇ ମନ୍ଦିର୍ ସମ୍ବଲପୁର ସମ୍ବାଦଦାତା

ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି , କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍, ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍, ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍, ଶିଳ୍ପମନ୍ତ୍ରୀ ସମ୍ପଦ୍ ସ୍ୱାଇଁ ଆଏଜ୍ ସମ୍ବଲ୍‌ପୁର୍ ଠାନେ ମା ସମଲେଶ୍ୱରୀଙ୍କର୍ ଦର୍ଶନ୍ କରିଛନ୍ । ଇ ଅବ୍‌ସରେ ରାଜ୍ୟପାଲ୍ ସମଲେଇ ପ୍ରକଳ୍ପ ଇଲାକା ଭିଲ୍ ପରିଦର୍ଶନ୍ କରିଛନ୍ ।

ପ୍ରଧାନ୍‌ମନ୍ତ୍ରୀ- ଓଡ଼ିଶା ହି.ସ.

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୭ ତାରିଖ୍ ଓଡ଼ିଶା ଗସ୍ତଥି ଆସବେ ବଲି ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ ସୂଚ୍‌ନା ଦେଇଛନ୍ । ଗଞ୍ଜାମ୍ ଜିଲ୍ଲାର୍ ଛତ୍ରପୁର୍ ଠାନେ ଗୁଟେ ଜନସମାବେଶ୍‌କେ ପ୍ରଧାନ୍‌ମନ୍ତ୍ରୀ ଉଦ୍‌ବୋଧନ୍ ଦେବାର୍ ସହେତେ ସେବାପକ୍ଷ ଅବ୍‌ସରେ ହେବାର୍‌କେ ଥିବା ଖାସ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ । ଗୁଟେ ବଛର୍ ଭିତ୍‌ରେ ପ୍ରଧାନ୍‌ମନ୍ତ୍ରୀଙ୍କର୍ ଇଟା ୬ ନମ୍ବର୍ ଓଡ଼ିଶା ଗସ୍ତ ହେବା ବଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ ।

ଅବକାରୀ ଚଢ଼ଉ I&PR

ରାଜ୍ୟ ଅବକାରୀ ବିଭାଗ୍ ତର୍‌ଫୁ ଚାଲୁଥିବା ଖାସ୍ ଚଢ଼ଉ ଅଭିଯାନ୍‌ର ୧୨ ନମ୍ବର୍ ଦିନେ ଆଉ ଗୁଟେ ବଡ଼ ସଫଲତା ମିଲିଛେ । ଇ ଅଭିଯାନ୍‌ଥି ପାଖାପାଖି ୧ କୋଟି ୬୯ ଲାଖ୍ ଟଙ୍କା ବେଆଇନ୍ ଦରବ୍ ଜବତ୍ କରାଯାଇଛେ । ବେଆଇନ୍ ମଦ୍ ଆଉ ନିଷିଦ୍ଧ ମାଦକ ଦ୍ରବ୍ୟ ବିରୋଧିଥି ଚାଲିଥିବା ଇ ଅଭିଯାନ୍‌ଥି ୨ ଶହ ୯୨ ଟା ମାମ୍‌ଲା ରୁଜୁ ହେବାର୍ ସହେତେ ଶହେ ୬୮ ଝନ୍‌କୁ ଗିରଫ୍ କରାଯାଇଛେ ।

ଇତାର୍ସହେତେ ବେଆଇନ୍ ମାଲ୍ ପରିବହନ୍ଥି ବେଭାର୍ ହଉଥିବା ୨୩ ଟା ଗାଡ଼ିକେ ଜବତ୍ କରାଯାଇଥିବାର୍ ବିଭାଗ୍ ତର୍ଫୁ ସୂଚ୍ନା ଦିଆଯାଇଛେ ।

ସଂକ୍ଷିପ୍ତ ସଂଶୋଧନ୍ ଲାଗି ବିଜ୍ଞପ୍ତି ଜାରି I&PR

ନୂଆପଡ଼ା ବିଧାନ୍ସଭା ନିର୍ବାଚନ୍ ମଣ୍ଡଲୀ ନ ହେବାର୍କେ ଥିବା ଉପନିର୍ବାଚନ୍ ଲାଗି ଗୁଟେ ଖାସ୍ ସଂକ୍ଷିପ୍ତ ସଂଶୋଧନ୍ ଲାଗି ବିଜ୍ଞପ୍ତି ଜାରି କରାଯାଇଛେ । ରାଜ୍ୟ ମୁଖ୍ୟ ନିର୍ବାଚନ୍ ଅଧିକାରୀଙ୍କର୍ ତର୍ଫୁ ଇଥିର୍ଲାଗି କାର୍ଯ୍ୟସୂଚୀ ଧାରିଜ୍ କରାଯାଇଛେ । କାର୍ଯ୍ୟସୂଚୀ ଅନ୍ସାରେ ଆଏବା ୧୪ ତାରିଖ୍ତକ୍ ମତଦାନ୍ କେନ୍ଦ୍ର ମାନ୍କର୍ ପୁର୍ନବ୍ୟବସ୍ଥାପନ୍ ଆଉ ପରିବର୍ତନ୍ କରାଯାଇପାର୍ବା । ୧୫ ତାରିଖ୍ ଦିନ ସମନ୍ୱିତ ଚିଠା ଭୋଟର୍ ତାଲିକା ବାହାର୍ କରାଯିବା । ୧୫ ତାରିଖ୍ନୁ ୨୯ ତାରିଖ୍ ଭିତ୍ରେ ଦାବି ଆଉ ଆପତି ଦାଖଲ୍ କର୍ବାର୍ ସମିଆ ଧାରିଜ୍ କରାଯାଇଛେ । ଆଏବା ଅକ୍ଟୋବର୍ ମାସ ୭ ତାରିଖ୍ତକ୍ ଦାବି ଆଉ ଆପତିମାନ୍କର୍ ସମାଧାନ୍ କରାଯିବା ଆଉ ୯ ତାରିଖ୍ ଦିନ ଚୂଡ଼ାନ୍ତ ଭୋଟର୍ ତାଲିକା ବାହାର୍ବା ବଲି ଜନାପଡ଼ିଛେ ।

କର୍କଟ ରୋଗ       ହି.ସ.

ରାଏଜେ କର୍କଟ ରୋଗ୍‌ର ମୁକାବିଲା ଲାଗି ମୁଖ୍ୟ ଶାସନ୍ ସଚିବଙ୍କର୍ ଅଧ୍ୟକ୍ଷତାଥି ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ଗୁଟେ ବୈଠକ୍ ହେଇଯାଇଛେ । କର୍କଟ ରୋଗ୍ ବାବ୍‌ଦେ ସାଧାରଣ୍ ଲୁକ୍‌କୁ ସଚେତନ୍ କର୍‌ବାର୍ ଆଉ ଇତାର୍ ମୁକାବିଲା କର୍‌ବାର୍ ଦିଗେ ଭିନ୍ ଭିନ୍ ପଦକ୍ଷେପ୍ ବାବ୍‌ଦେ ମୁଖ୍ୟ ଶାସନ୍ ସଚିବ- ସ୍ୱାସ୍ଥ୍ୟ ବିଭାଗ୍ ଅଧିକାରୀମାନ୍‌କର୍ ସାଙ୍ଗେ ଆଲୋଚନା କରିଛନ୍ । ପାଇଲଟ୍ ପ୍ରକଳ୍ପ ଭାବେ ସ୍ୱାସ୍ଥ୍ୟ ବିଭାଗ୍ ତର୍‌ଫୁ ଇଥିର୍‌ଲାଗି ଭିନ୍ ଭିନ୍ କାର୍ଯ୍ୟକ୍ରମ୍ କରାଯିବା ।

ଜିଏସ୍‌ଟି         ଆର୍‌ଏନ୍‌ୟୁ/ ସମ୍ବଲପୁର

ଜିଏସ୍‌ଟି ପରିଷଦ୍ ବୈଠକ୍‌ଥି ବହୁତ୍‌ଟେ ଅତିଜରୁରୀ ଦରବ୍ ଉପ୍‌ରେ ଟିକସ୍ ଛାଡ୍ କର୍‌ବାର୍ ଲାଗି ପ୍ରସ୍ତାବ୍ ଦିଆଯାଇଛେ । ଯେନ୍‌ଟାକି ଦେଶର୍ ଗରିବ୍ ଆଉ ମଧ୍ୟବିତ ପରିବାର୍ ଲାଗି ବହୁତ୍ ବଡ୍ ଆଶ୍ୱସ୍ତି ଆନିଦେଇଛେ । କେନ୍ଦ୍ର ସର୍‌କାର୍‌ଙ୍କର୍ ଆଏବା ପିଢ଼ିର୍ ଜିଏସ୍‌ଟି ସଂସ୍କାର୍‌କେ ସବୁ ମହଲ୍‌ନୁ ସ୍ୱାଗତ୍ କରାଯାଇଛେ । ଇ ବାବ୍‌ଦେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର୍ ଶହୀଦ୍

ଭଗତ୍ ସିଂ ମହାବିଦ୍ୟାଳୟର୍ ଅର୍ଥନୀତି ବିଭାଗ୍ ସହକାରୀ ଅଧ୍ୟାପକ ଡକ୍ଟର୍ ସର୍ବେଶ୍ୱର୍ ପ୍ରଧାନ୍ କହିଛନ୍....
(ଭଏସ୍ ଓଭର୍ -ଡକ୍ଟର୍ ସର୍ବେଶ୍ୱର୍ ପ୍ରଧାନ୍)

ରାଷ୍ଟ୍ରୀୟ ଲୋକ୍ଅଦାଲତ୍ ବୌଦ୍ଧ/ ବରଗଡ଼୍/ସୁବର୍ଣ୍ଣପୁର୍ ସମ୍ବାଦଦାତା

ଓଡ଼ିଶା ହାଇକୋର୍ଟ ସହେତେ ରାଜ୍ୟର୍ ଭିନ୍ ଭିନ୍ ଅଦାଲତ୍ ନ ଆଏଜ୍ ଇ ବଛରର୍ ୩ ନମ୍ବର୍ ରାଷ୍ଟ୍ରୀୟ ଲୋକ୍ଅଦାଲତ୍ ହେଇଯାଇଛେ । ପାରିବାରିକ୍, ମୋଟର୍ ଦୁର୍ଘଟଣା, ଏନ୍.ଆଇ. ଏକ୍ଟ ବାଗିର୍ ଭିନ୍ ଭିନ୍ କିସମ୍ର ୧ ଲାଖ୍ନୁ ଅଏତ୍କା ମାମ୍ଲାର୍ ଆଏଜ୍ ଶୁଣାଣି କରାଯାଇଛେ ।

ବୌଦ୍ଧ ଜିଲ୍ଲା ଆଇନ୍ସେବା ପ୍ରାଧିକରଣ୍ ତର୍ଫୁ ଜିଲ୍ଲା ନ୍ୟାୟାଳୟ ପରିସର୍ ନ ରାଷ୍ଟ୍ରୀୟ ଲୋକ୍ ଅଦାଲତ୍ ହେଇଯାଇଛେ । ଇଥି ମୋଟ୍ ୯ ଶହ ୪୮ ଟା ବିଚାରାଧୀନ୍ ମାମ୍ଲା ଆଉ ୫୩ ଟା ବେଙ୍କ୍ ସମ୍ପର୍କିତ ପ୍ରାକ୍ ମକଦ୍ଦମା ମାମ୍ଲାର୍ ଫଏସଲା କରାଯାଇକରି ପାଖାପାଖି ୮୮ ଲାଖ୍ ଟଙ୍କା ଆଦାୟ କରାଯାଇଥିଲା । ଇତାର୍ସହେତେ ହର୍ଭଙ୍ଗା ଆଉ କଂଟାମାଲ୍ କୋର୍ଟ ନ ଭିଲ୍ ରାଷ୍ଟ୍ରୀୟ ଲୋକ୍ଅଦାଲତ୍ ହେଇଯାଇଛେ ।

ବର୍‌ଗଡ଼୍ ଜିଲ୍ଲା ଅଦାଲତ୍ ପରିସର୍ ନ ହେଇଥିବା ୩ ନମ୍ବର ରାଷ୍ଟ୍ରୀୟ ଲୋକ୍ ଅଦାଲତ୍‌ଥି ଶହେ ୭୭ ଟା ପ୍ରାକ୍ ମକଦ୍ଦମା ମାମ୍‌ଲା, ୨ ଶହ ୮୫ ଟା ବିଚାର୍‌ବିଭାଗୀୟ ମକଦ୍ଦମାର୍ ବିଚାର୍ କରାଯାଇକରି ୫୨ ଲାକ୍ ୩୮ ହଜାର୍ ଟଙ୍କା ଆଦାୟ କରାଯାଇଛେ ।

ସୁବର୍ଣ୍ଣପୁର୍ ନ୍ୟାୟିକ କୋର୍ଟ ପରିସର୍ ନ ହେଇଥିବା ରାଷ୍ଟ୍ରୀୟ ଲୋକ୍ ଅଦାଲତଥି ୪ ହଜାର୍ ୯ ଶହ ୩୫ ଟା ମାମ୍‌ଲାର୍ ବିଚାର୍ କରାଯାଇକରି ୭୭ ଲାଖ୍‌ନୁ ଅଏତ୍‌କା ଟଙ୍କାର୍ ଜରିମାନା ଆଦାୟ କରାଯାଇଛେ ।

ବୌଦ୍ଧ- ସ୍ୱାସ୍ଥ୍ୟ ପରୀକ୍ଷା ଶିବିର୍ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ନ ଉତମ୍ ସ୍ୱାସ୍ଥ୍ୟ ଯୁଗାବାର୍ ଲାଗି ଜିଲ୍ଲାର୍ ସବୁ ସ୍ୱାସ୍ଥ୍ୟ କେନ୍ଦ୍ର ନ ସ୍ୱାସ୍ଥ୍ୟ ପରୀକ୍ଷା ଆଉ ଶିବିର୍‌ମାନ୍ ଆୟୋଜନ୍ କରାଯିବା ବଲି ନିଷ୍ପତି ନିଆଯାଇଛେ । ଇ ବାବ୍‌ଦେ ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ ଠାନେ ସ୍ୱାସ୍ଥ୍ୟ ଆଉ ଆଇସିଡିଏସ୍ ବାବଦ୍ ଗୁଟେ ଜିଲ୍ଲାସ୍ତରୀୟ ବୈଠକ୍ ହେଇଯାଇଛେ । ଇ ଅବ୍‌ସରେ କାର୍ଯ୍ୟକ୍ରମଥି ପ୍ରଶାସନିକ୍ ଅଧିକାରୀମାନ୍‌କର୍ ସହେତେ ସ୍ୱାସ୍ଥ୍ୟ ବିଭାଗ୍‌ର କର୍ମଚାରୀମାନେ ଉପସ୍ଥିତ୍ ଥିଲେ ।

ଜିଲ୍ଲାପାଲ-ଏକ୍ ପେଡ୍ ମା କେ ନାମ୍ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାପାଳଙ୍କର୍ କାର୍ଯ୍ୟାଳୟ ସଦ୍ଭାବନା ସଭାଗୃହ ନ ଏକ୍ ପେଡ୍ ମା କେ ନାମ୍ କାର୍ଯ୍ୟକ୍ରମ୍ ପ୍ରସ୍ତୁତିର୍ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ୍ ହେଇଯାଇଛେ । ଜିଲ୍ଲାପାଲ୍ ବିଭୂତି ଭୂଷଣ୍ ନାୟକଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍ଥି ଭିନ୍ ଭିନ୍ ପ୍ରଶାସନିକ୍ ଅଧିକାରୀମାନେ ଯୋଗ୍ ଦେଇଥିଲେ । ଆଏବା ୧୭ ତାରିଖ୍ ଦିନ ଇ କାର୍ଯ୍ୟକ୍ରମ୍ ଅଧୀନ୍ଥି ୧ ଲାଖ୍ ୮୩ ହଜାର୍ ଗଛ୍ ଜଗାଯିବାର୍ ଲାଗି ଲକ୍ଷ୍ୟ ରଖାଯାଇଥିବାର୍ ବେଲେ ଇତାର୍ ପ୍ରସ୍ତୁତି ବାବ୍ଦେ ଜିଲ୍ଲାପାଲ୍ ସମୀକ୍ଷା କରିଛନ୍ ।

ମହକ୍ କାର୍ଯ୍ୟକ୍ରମ କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଜିଲ୍ଲା ଭବାନୀପାଟ୍ନା ଟାଉନ୍ହଲ୍ ଠାନେ ଜିଲ୍ଲାସ୍ତରୀୟ ମହକ୍ କାର୍ଯ୍ୟକ୍ରମ୍ ଉଦ୍ଘାଟିତ୍ ହେଇଯାଇଛେ । ଶିଶୁଯତ୍ନ ଅନୁଷ୍ଠାନ୍ ନ ରହୁଥିବା ଛୁଆମାନ୍କର୍ ଭିତ୍ରେ ଥିବା ପ୍ରତିଭାର୍ ବିକାଶ୍ ଉଦ୍ଦେଶ୍ଥି ଜିଲ୍ଲା ଶିଶୁ ସୁରକ୍ଷା

କାର୍ଯ୍ୟାଲୟ ଆଉ ଜିଲ୍ଲା ପ୍ରଶାସନ୍ ତର୍ଫୁ ଇ କାର୍ଯ୍ୟକ୍ରମ୍ର ଆୟୋଜନ୍ କରାଯାଇଥିଲା । ଇ ଅବ୍ସରେ ଛୁଆମାନ୍କର୍ ଭିତ୍ରେ ଭିନ୍ ଭିନ୍ ପ୍ରତିଯୋଗିତା ହେଇଥିଲା ।

ସୈରେନ୍ଦ୍ରୀ ନାଏକ ଫୁଟ୍ବଲ୍ ପ୍ରତିଯୋଗିତା/ଆର୍ଏନ୍ୟୁ ସମ୍ବଲପୁର

ସମ୍ବଲ୍ପୁର୍ କାଇଁଶିର୍ ଖେଲ୍ପଡ଼ିଆ ନ ଚାଲିଥିବା ସୈରେନ୍ଦ୍ରୀ ନାଏକ ସ୍ମାରକୀ ଆନ୍ତଃବିଦ୍ୟାଲୟ ଫୁଟ୍ବଲ୍ ପ୍ରତିଯୋଗିତାର୍ ଫାଇନାଲ୍ ମେଚ୍ଥି ଦିଲ୍ଲୀ ପବ୍ଲିକ୍ ସ୍କୁଲ୍ ଦଲ୍ ଜିତିଛେ । ଆଝିରର୍ ଫାଇନାଲ୍ ମେଚ୍ଥି ଦିଲ୍ଲୀ ପବ୍ଲିକ୍ ସ୍କୁଲ୍ - ମୁଢ଼େନ୍ପାଲି ଉଚ୍ଚବିଦ୍ୟାଲୟକେ ୪/ଶୂନ୍ ଗୋଲ୍ଥି ହରେଇଛେ । କାର୍ଯ୍ୟକ୍ରମ୍ଥି ସମ୍ବଲ୍ପୁର୍ ବିଧାୟକ୍ ଜୟନାରାୟଣ୍ ମିଶ୍ର, ଆଘର୍ ବିଧାୟକ୍ ନାଉରୀ ନାଏକ୍ ପ୍ରମୁଖ ଅତିଥି ଭାବେ ଯୋଗ୍ ଦେଇକରି ଦୁହି ଦଲ୍କେ ପୁରସ୍କୃତ୍ କରିଥିଲେ ।

ପାଣିପାଗ୍ ଆର୍ଏନ୍ୟୁ ସମ୍ବଲପୁର/ ସମ୍ବଲ୍ପୁର୍ ସମ୍ବାଦଦାତା

ପର୍ଶ୍ଚିମ କେନ୍ଦ୍ରୀୟ ଇଲାକା ଆଉ ତାର୍ ପାଖର୍ ଉତର୍ ପର୍ଶ୍ଚିମ ବଙ୍ଗୋପ୍‌ସାଗର୍ ନ ଉତର୍ ଆନ୍ଧ୍ରପ୍ରଦେଶ୍ ଆଉ ଦକ୍ଷିଣ ଓଡ଼ିଶା ସମୁଦ୍ର ଖଁଡ଼ି ନ ଗୁଟେ ଲଘୁଚାପ୍ କ୍ଷେତ୍ର ବନିଛେ । ଇତାର୍ ପ୍ରଭାବ୍‌ଥି ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଘଡ଼୍‌ଘଡ଼ି ସାଙ୍ଗେ ବର୍ଷା ହେବାର୍ ସମ୍ଭାବନା ରହିଛେ । ଆଏବା ୭ ଦିନ୍ ତକ୍ ରାଏଜେ ହାଲ୍‌କା ନୁ ମଧ୍ୟମ୍ ଧରଣ୍ ବର୍ଷା ହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର  ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।